# ପ୍ରଚାର ଡ଼ାଏରୀ

**ତା.୩୦.୦୪.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଆଜି ଅମୃତସରରେ ଭୋଟ ଗ୍ରହଣ ଦିବସ । ଗତ ୬ ସପ୍ତାହ ଧରି ମୁଁ ଏଭଳି ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗିଅଛି ଓ ଏହାପରେ ମୁଁ ଅନ୍ୟ ଅଞ୍ଚଳକୁ ଯିବାର ଯୋଜନା କରିବି । ମୁଁ ଅମୃତସରରେ ଅବସ୍ଥାନ କରିବା ସମୟରେ ସେଠାକାର ଖାଦ୍ୟ ପଦାର୍ଥ ନେଇ ଖୁବ ଆପ୍ୟାୟିତ ହେବା ସହ ସବୁବେଳେ ତାହାକୁ ଭାରତର ଖାଦ୍ୟ ପଦାର୍ଥର କେନ୍ଦ୍ରସ୍ଥଳି ବୋଲି କହିଥାଏ ।

ଅମୃତସରର କୁଲଚା ଓ ଚଣା ବର୍ତ୍ତମାନ ଏକ ସର୍ବଭାରତୀୟ ଖାଦ୍ୟ ହୋଇଯାଇଛି । ଭାରତର ବିଭିନ୍ନ କୋଣ ଅନୁକୋଣରେ ଆଜି ଅମୃତସରି ଢ଼ାବା ଭଳି ଖାଦ୍ୟ ପରିବେଷଣ କରାଯାଉଅଛି । ଅମୃତସରର କୁଲଚା, ଚଣା ଓ ତାହା ସହ ପିଆଜର ଏକ ସ୍ୱତନ୍ତ୍ର ପ୍ରକାରର ଚଟଣି ଅମୃତସରର ସବୁଠାରେ ଉପଲବ୍ଧ । ଯାହାକୁ ଆମେ ସକାଳର , ମଧ୍ୟାହ୍ନ ବା ରତ୍ରୀ ଭୋଜନ କରିଥାଉ । ତାହା ବ୍ୟତୀତ ପରଟା ବା ପୁରି ଛୋଲା ମଧ୍ୟ ସେଠାକାର ଏକ ମୁଖ୍ୟ ଜଳଖିଆ । ସେଠାକାର ପ୍ରାୟ ପ୍ରତ୍ୟେକ ପରିବାର ନିଜ ଘରେ ନରାନ୍ଧି ନିଜ ସ୍ଥାନର ମୁଖ୍ୟ ଜଳଖିଆ ଦୋକାନୀଠାରୁ ଖାଦ୍ୟ ମଗାଇ ଥାଆନ୍ତି । ସେଥି ମଧ୍ୟରୁ ଲରେନ୍ସ ରୋଡ଼ର 'କହ୍ନେୟା' ଖୁବ ପ୍ରସିଦ୍ଧ । ଆଳୁ ସହ ମିଶାଇ ଚଣାକୁ ତରକାରୀ କରାଯାଏ । ହେଲେ ସେଥିରେ କ୍ୟାଲୋରୀ ଖୁବ ଅଧିକ ଥିବାରୁ ତାହାକୁ କମ ଖିଆଯାଏ । ଅମୃତସରି ଲସି ପ୍ରାୟ ପ୍ରତ୍ୟେକ ଜଳଖିଆ ଦୋକାନରେ ଉପଲବ୍ଧ । ହେଲେ 'ଆହୁଜା' ଓ 'ଜ୍ଞାନ' ସେଥିପାଇଁ ଖୁବ ପ୍ରସିଦ୍ଧ । ଯାହାକି ନିଦ୍ରାହୀନତା ରୋଗରେ ଅବ୍ୟର୍ଥ  ଔଷଧ । 'କେଶର' ସେଠାକାର ନିରାମିଷ ହୋଟେଲ ଭାବରେ ସବୁଠାରୁ ପ୍ରସିଦ୍ଧ । ତାହା ବ୍ୟତୀତ 'ଭାରୱାନ' ଓ ତାହାର ବିଭିନ୍ନ ଶାଖା ମଧ୍ୟ ସ୍ଥାନୀୟ ବାସିନ୍ଦା ତଥା ପର୍ଯ୍ୟଟକଙ୍କ ନିରାମିଷ ଭୋଜନ ପାଇଁ ପ୍ରସିଦ୍ଧି ଲାଭ କରିଅଛି । ଆମିଷ ଭୋଜନ ପାଇଁ 'ସୁରଜିତ' ପ୍ରସିଦ୍ଧ ଅଟେ । ତାହାର ତନ୍ଦୁରୀ ଚିକେନ, ଅମୃସରି ଫିସ, ମଟନ ଚାମ୍ପ ଖୁବ ସ୍ୱାଦିଷ୍ଟ । ସେଠାକାର ମଖନ ଫିସ ମଧ୍ୟ ସ୍ୱାଦରେ କେଉଁ ଗୁଣରେ କମ ନୁହେଁ । ମୁଁ ସୁବୁଠାରେ ଖାଇ

ନଥିଲେ ମଧ୍ୟ ମୋତେ ନେଇ ଯାଇଥିବା 'ବୀରା'ଠାରେ ଉତ୍କୃଷ୍ଟ ଧରଣର କୁକୁଡ଼ା ମାଂସ ମିଳେ ବୋଲି କହି ପାରିବି ।

'ଜିଆନି' ଚା ଦୋକାନର ସକାଳର ଚା, ସମୟରେ ହେଉଥିବା ବାର୍ତ୍ତାଳାପ ସମଗ୍ର ସହର ମଧ୍ୟରେ ଖେଳିଯାଏ । ତାହା ବ୍ୟତୀତ ଲୋଧି ଗାର୍ଡ଼େନଠାରେ ମଧ୍ୟ ମୁଁ ଚା ପାନ କରିଥାଏ । ମୁଁ ଆଶା କରୁଛି କି ଏଠାକାର କିଛି ପ୍ରସିଦ୍ଧ ଜିନିଷ କିପରି ଦେଶରେ ସର୍ବ ପରିଚିତ ହୋଇପାରିବ ।